# NATIONAL NEWS BULLETIN (ODIA)
## 17th September - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶରେ ଶୁଭାରମ୍ଭ କଲେ ସୁସ୍ଥ ନାରୀ, ସଶକ୍ତ ପରିବାର ଓ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ।
- ୭୫ ବର୍ଷ ଜନ୍ମଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ବିଭିନ୍ନ ରାଷ୍ଟ୍ରନେତା ।
- ସେବାପକ୍ଷ ଅବସରରେ ନୂଆଦିଲ୍ଲୀରେ ୧୬ଶହ କୋଟି ଟଙ୍କାର ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଆସନ୍ତାକାଲି ନୂଆଦିଲ୍ଲୀରେ ଉଦ୍‌ଘାଟିତ ହେବ ଜାତୀୟ ସମ୍ମିଳନୀ ‘ମନ୍ଥନ-୨୦୨୫’ ।

ଏବଂ

- ଭାରତ ଓ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଚଣ୍ଡୀଗଡ଼ଠାରେ ଜାରି ରହିଛି ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ।

## ପି.ଏମ୍. - ମଧ୍ୟପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଧାର'ଠାରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଏବଂ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସର ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ଭୈଁଶଲାଠାରେ ଦେଶର ସର୍ବବୃହତ୍ ପି.ଏମ୍. ମିତ୍ର ପାର୍କର ଶିଳାନ୍ୟାସ କରିଛନ୍ତି । ସେ ମାତୃବନ୍ଦନା ଯୋଜନା ଅଧୀନରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଏହି ଅବସରରେ ସହାୟତା ରାଶି ମଧ୍ୟ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆଦିସେବା' ପର୍ବର ଉଦ୍‌ଘାଟନ କରିଛନ୍ତି । ସୁସ୍ଥନାରୀ ସଶକ୍ତ ପରିବାର ଅଭିଯାନ ଅଧୀନରେ ଆୟୋଜିତ ବିଭିନ୍ନ ସ୍ୱାସ୍ଥ୍ୟଶିବିରରେ ମହିଳାମାନେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

***Voice (PM - Women Health)*** :.........

ପ୍ରଧାନମନ୍ତ୍ରୀ ଧାର୍ ଜିଲ୍ଲାର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ପି.ଏମ୍. ମିତ୍ର ପାର୍କ କୃଷକ ଏବଂ ଯୁବବର୍ଗଙ୍କ ଲାଗି ସୁବର୍ଣ୍ଣ ସୁଯୋଗ ଆଣିଦେବ ।

***Voice (PM - Textile Park)*** **:.........**

## ପି.ଏମ୍. - ବାର୍ଥଡେ ୱିସେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ବିଭିନ୍ନ ରାଷ୍ଟ୍ରର ନେତାମାନେ ତାଙ୍କୁ ଶୁଭେଚ୍ଛାବାର୍ତ୍ତା ପଠାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଶ୍ରୀ ମୋଦି ଡୋମିନିକାନ୍ ଗଣତନ୍ତ୍ର ପ୍ରଧାନମନ୍ତ୍ରୀ ରୁଜ୍‌ଭେଲ୍‌ଟ ସ୍କେରିଟ୍, ଭୁଟାନ୍ ପ୍ରଧାନମନ୍ତ୍ରୀ, ସେରିଙ୍ଗ ଟୋବ୍‌ଗେ, ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନିଓ ଆଲ୍‌ବାନିଜ୍, ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟାଫର୍ ଲକ୍ସନ୍, ଗୁଏନା ରାଷ୍ଟ୍ରପତି ଇରଫାନ୍ ଅଲିଙ୍କୁ ସେମାନଙ୍କ ଶୁଭେଚ୍ଛା ବାର୍ତ୍ତାପାଇଁ ଧନ୍ୟବାଦ ଜଣାଇଛନ୍ତି ।

# ସେବାପର୍ବ - ସ୍ପେଶାଲ୍ ପ୍ରୋଗ୍ରାମ୍

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀରେ ସେବାପର୍ବ ଅବସରରେ ଡି.ଡି. ନ୍ୟାସନାଲ୍ ଏବଂ ଡି.ଡି. ନ୍ୟୁଜ୍‌ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏଥିରେ ୩ଟି ବୃତ୍ତଚିତ୍ର ଏବଂ ଗୋଟିଏ ସ୍ୱତନ୍ତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ସେବାପର୍ବ ଆଜିଠାରୁ ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ଅବସରରେ ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତ ସମଗ୍ର ବିଶ୍ୱରେ ନୂତନ ପରିଚୟ ସୃଷ୍ଟି କରିଛି । ସେ କହିଛନ୍ତି, ଶ୍ରୀ ମୋଦି ଜୀବନର ପ୍ରାରମ୍ଭରୁ ଦେଶଗଠନପାଇଁ ସର୍ବଦା କାର୍ଯ୍ୟ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ରାଜନୀତିକୁ ଦେଶବାସୀଙ୍କ ସେବାର ଏକ ମାଧ୍ୟମରେ ରୂପାନ୍ତରିତ କରିଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***Voice (Baishanav)*** :.........

ଏହି ଅବସରରେ ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ କହିଛନ୍ତି, ଏହା ଏକ ସ୍ୱତନ୍ତ୍ର ଅବସର, ଦେଶର ବିଭିନ୍ନ ଭାଗରୁ ପରିବର୍ତ୍ତନ, ରୂପାନ୍ତରଣ ଏବଂ ଦେଶଗଠନ ସଂକ୍ରାନ୍ତୀୟ ବିଭିନ୍ନ ସଫଳ କାହାଣୀ ଆସୁଛି । ଏହା ଦେଶର ରୂପାନ୍ତରଣ ଯାତ୍ରାକୁ ମାନ୍ୟତା ପ୍ରଦାନ କରୁଛି ବୋଲି ଶ୍ରୀ ଜାଜୁ କହିଛନ୍ତି ।

ଶୁଭାରମ୍ଭ କରାଯାଇଥିବା ବୃତ୍ତଚିତ୍ରଗୁଡ଼ିକ ମଧ୍ୟରେ ପ୍ରଥମଟି 'ସଙ୍କଳ୍ପ କୀ ଶକ୍ତି', 'ସୁଶାସନ କା ସାମର୍ଥ୍ୟ' ଏବଂ 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୧ ବର୍ଷ ମଧ୍ୟରେ ଭାରତର ସଫଳତା'; ଦ୍ୱିତୀୟ ବୃତ୍ତଚିତ୍ର 'ବିଶ୍ୱପଟଳ ପର୍ ନେତୃତ୍ୱ କା ଶଙ୍ଖନାଦ' ଏବଂ ତୃତୀୟଟି 'କର୍ମଯୋଗୀ : ଏକ ଅନ୍ତହୀନ ଯାତ୍ରା' ରହିଛି ।

ଏଥିସହିତ ରାଜ୍ୟଭିତ୍ତିକ ନ୍ୟୁଜ୍ ଚ୍ୟାନେଲ୍‌ଗୁଡ଼ିକରେ ବିଭିନ୍ନ ଆଞ୍ଚଳିକ ଭାଷାରେ ଅନେକ ବୃତ୍ତଚିତ୍ର ନିର୍ମାଣ କରାଯାଇଛି । ଏଗୁଡ଼ିକର ଦୂରଦର୍ଶନର ଆଞ୍ଚଳିକ କେନ୍ଦ୍ର ମାଧ୍ୟମରେ ପ୍ରସାରଣ କରାଯିବ । ଚତୁର୍ଥରେ 'ମେରା ଗାଓଁ ଆଜ୍' ଶୀର୍ଷକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏଥିରେ ଗତ ୧୧ ବର୍ଷ ମଧ୍ୟରେ ଭାରତୀୟ ଗ୍ରାମଗୁଡ଼ିକରେ ହୋଇଥିବା ରୂପାନ୍ତରଣ କାର୍ଯ୍ୟ ସମ୍ବନ୍ଧିତ ବିଷୟବସ୍ତୁ ରହିଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୭୫ଟି ଗ୍ରାମର ସରପଞ୍ଚ, ସ୍ଥାନୀୟ ଅଧିକାରୀ ଏବଂ ଗ୍ରାମବାସୀମାନେ ସେମାନଙ୍କର ବିକାଶମୂଳକ ପ୍ରସଙ୍ଗ ଉପସ୍ଥାପନ କରିବେ ।

## ଶାହା – ସେବା ପଖୱାଡ଼ା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଜି ନୂଆଦିଲ୍ଲୀରେ ଚାଲିଥିବା ସେବା ପକ୍ଷ ଅବସରରେ ଦିଲ୍ଲୀପାଇଁ ୧୬ ଶହ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ

ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ତ୍ୟାଗରାଜ ଷ୍ଟାଡିୟମ୍‌ଠାରେ ଏକ ସମାବେଶକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି, ଆଜି ଆରମ୍ଭ ହୋଇଥିବା ଏହି ଯୋଜନାଗୁଡ଼ିକ ଜାତୀୟ ରାଜଧାନୀର ଜନସାଧାରଣଙ୍କୁ ଲାଭ ପ୍ରଦାନ କରିବ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ କଲ୍ୟାଣପାଇଁ ତାଙ୍କର ସମଗ୍ର ଜୀବନ ଉତ୍ସର୍ଗ କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ବିଗତ ୧୧ ବର୍ଷ ମଧ୍ୟରେ ଶ୍ରୀ ମୋଦିଙ୍କ ନେତୃତ୍ୱରେ ଦେଶ ସୁରକ୍ଷିତ ହୋଇଛି, ଅର୍ଥନୀତି ସୁଦୃଢ଼ ହୋଇଛି ଏବଂ ଗରିବ ଜନସାଧାରଣଙ୍କ ପାଖରେ ସୁବିଧା ପହଞ୍ଚିପାରୁଛି । ସେ କହିଛନ୍ତି, ମୋଦି ସରକାର ୬୦ କୋଟି ଲୋକଙ୍କୁ ସୁବିଧା ଯୋଗାଇ ଦେଇଥିବାବେଳେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ଦେଶ ସଦାସର୍ବଦା ଶ୍ରୀ ମୋଦିଙ୍କ ଐତିହାସିକ ସଫଳତାକୁ ମନେରଖିବ । ଆଜି ଉଦ୍‌ଘାଟିତ ହୋଇଥିବା ଯୋଜନାଗୁଡ଼ିକ ମଧ୍ୟରେ ଦୃଷ୍ଟିବାଧିତ ଛାତ୍ରୀଙ୍କପାଇଁ ଅଟଳ ଦୃଷ୍ଟିବାଧିତ ଛାତ୍ରାବାସ, ବୌଦ୍ଧିକ ଭାବରେ ଅକ୍ଷମ ବ୍ୟକ୍ତିଙ୍କପାଇଁ ଅଟଳ ଆଶା ଗୃହ ଏବଂ ସାବିତ୍ରୀବାଇ ଫୁଲେ ବରିଷ୍ଠ ନାଗରିକ ଆବାସ, ହସ୍ପିଟାଲ୍ ବ୍ଲକ୍, ୧୦୧ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୧୫୦ଟି ଡାଏଲିସିସ୍ କେନ୍ଦ୍ର ଏବଂ ପୁଲିସ୍ ବିଭାଗ ପାଇଁ ୭୫ଟି ଡ୍ରୋନ୍ ରହିଛି ।

# ରାଜନାଥ - ମନ୍ଥନ-୨୦୨୫

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ନୂଆଦିଲ୍ଲୀରେ ଦୁଇଦିବସୀୟ ଜାତୀୟ ସମ୍ମିଳନୀ 'ମନ୍ଥନ-୨୦୨୫'ର ଉଦ୍‌ଘାଟନ କରିବେ । ପ୍ରତିରକ୍ଷା ବିଭାଗ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଏହାର ବିଷୟବସ୍ତୁ ରହିଛି "୨୦୪୭ ବିକଶିତ ଭାରତ ଗଠନ ନିମନ୍ତେ ରଣନୈତିକ ରୂପରେଖ" । ପ୍ରତିରକ୍ଷା ଭୂ-ପରିଚାଳନା, ଉନ୍ନତ ଡିଜିଟାଲ୍ ଯନ୍ତ୍ରାଂଶ ବ୍ୟବସ୍ଥା, ପ୍ରଯୁକ୍ତିବିଦ୍ୟା, ଶାସନ ଏବଂ ଦୀର୍ଘସ୍ଥାୟୀ ବ୍ୟବସ୍ଥାର ସୁଦୃଢ଼ୀକରଣ କ୍ଷେତ୍ରରେ ପ୍ରତିରକ୍ଷା ସମ୍ପଦ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରତିରକ୍ଷା କ୍ଷେତ୍ରରେ ଭୂ-ପରିଚାଳନାର ଭବିଷ୍ୟତପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ବରିଷ୍ଠ ପଦାଧିକାରୀ ଏବଂ ବିଶେଷଜ୍ଞମାନେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଶୃଙ୍ଖଳା କ୍ରମରେ ସେମାନଙ୍କର ବକ୍ତୃତା ପ୍ରଦାନ କରିବେ । ଉଦ୍‌ଘାଟନୀ ଅଧିବେଶନରେ ପ୍ରତିରକ୍ଷା ଭୂ-ପରିଚାଳନା କ୍ଷେତ୍ରରେ ଗତ ଏକବର୍ଷ ମଧ୍ୟରେ ପ୍ରତିରକ୍ଷା ସମ୍ପତ୍ତି ବିଭାଗର ଉଲ୍ଲେଖନୀୟ ପଦକ୍ଷେପ ଓ ସଫଳତା ଏବଂ ୨୦୪୭ ବିକଶିତ ଭାରତପାଇଁ ରଣନୈତିକ ରୂପରେଖ ସମ୍ପର୍କରେ ଆଲୋଚନା କରାଯିବ । ଦ୍ୱିତୀୟ ଦିନରେ ଭୂ-ସମ୍ପତ୍ତି ବିଭାଗର ସଚିବ ମନୋଜ ଯୋଶୀ, ଦେଶର

ଆର୍ଣ୍ଣଷ୍ଟ ଜେନେରାଲ ଆର୍. ଭେଙ୍କଟରମଣୀ, ଡେପୁଟି କଣ୍ଟ୍ରୋଲର୍ ଓ ଅଡିଟର ଜେନେରାଲ୍ ସୁବିର ମଲ୍ଲିକ୍ ପ୍ରମୁଖ ଅଂଶଗ୍ରହଣ କରିବେ ।

## ଇ.ସି. - ଇ.ଭି.ଏମ୍. ବାଲଟ୍ ପେପର୍

ନିର୍ବାଚନ କମିଶନ ଇ.ଭି.ଏମ୍. ବାଲାଟ୍ ପେପର୍‌ର ସ୍ୱଷ୍ଟତା ଏବଂ ପଠନୀୟତା ବୃଦ୍ଧି କରିବାପାଇଁ ଡିଜାଇନ୍ ଏବଂ ମୁଦ୍ରଣପାଇଁ ନିର୍ବାଚନ ନିୟମ ଅନୁଯାୟୀ ପୂର୍ବ ନିର୍ଦ୍ଦେଶାବଳୀକୁ ସଂଶୋଧନ କରିଛନ୍ତି । ନିର୍ବାଚନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଏବଂ ଉନ୍ନତ କରିବା, ଭୋଟର୍‌ମାନଙ୍କପାଇଁ ଅଧିକ ସୁବିଧା ବୃଦ୍ଧି କରିବା ନିମନ୍ତେ ବିଗତ ୬ ମାସରେ କମିଶନ୍‌ଦ୍ୱାରା ନିଆଯାଇଥିବା ୨୮ଟି ପଦକ୍ଷେପ ଗ୍ରହଣ କରାଯାଇଛି । ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରାର୍ଥୀଙ୍କ ରଙ୍ଗିନ୍ ଫଟୋ ଇ.ଭି.ଏମ୍. ବାଲାଟ୍ ପେପରରେ ମୁଦ୍ରିତ ହେବା ସହ ପ୍ରାର୍ଥୀଙ୍କ ମୁହଁ ଫଟୋ ସ୍ଥାନର ତିନି-ଚତୁର୍ଥାଂଶ ସ୍ଥାନ ଅଧିକାର କରିବ । ସେହିପରି ସମାନତା ସୁନିଶ୍ଚିତ କରିବାପାଇଁ ସହଜରେ ପଠନୀୟତା ପାଇଁ ସମାନ ଅକ୍ଷର ପ୍ରକାରରେ ସମସ୍ତ ପ୍ରାର୍ଥୀଙ୍କ ନାମ ଏବଂ NOTA ମୁଦ୍ରିତ ହେବ । ନିର୍ବାଚନ କମିଶନ ଏ ସମ୍ପର୍କରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରିଛନ୍ତି ।

# ଟୁଟିକୋରିନ୍ - ଆକ୍ସିଡେଣ୍ଟ

ତାମିଲ୍‌ନାଡୁର ଟୁଟିକୋରିନ ବନ୍ଦରରେ ଆଜି ଏକ ଜାହାଜରେ ଶ୍ୱାସରୁଦ୍ଧ ହୋଇ ୩ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି । ଜାହାଜରେ ସଫେଇ କାର୍ଯ୍ୟ କରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି । ସେମାନଙ୍କ ମୃତଦେହଗୁଡ଼ିକୁ ଟୁଟିକୋରିନ୍ ସରକାରୀ ହସ୍ପିଟାଲ୍‌କୁ ପଠାଇ ଦିଆଯାଇଛି ।

# ବରୁଣ - ଟି.୨୦

ଭାରତର ସ୍ପିନର୍ ବରୁଣ ଚକ୍ରବର୍ତ୍ତୀ' ଆଇ.ସି.ସି. ଟି.-୨୦ ଆନ୍ତର୍ଜାତିକ ଯୋଗ୍ୟତା ତାଲିକାର ଏକନମ୍ବର ବୋଲର୍‌ର ମାନ୍ୟତା ହାସଲ କରିଛନ୍ତି । ୩୪ ବର୍ଷୀୟ ବରୁଣ ଚକ୍ରବର୍ତ୍ତୀ' ଯଶପ୍ରୀତି ବୁମ୍‌ରାହ ଏବଂ ରବି ବିଷ୍ଣୋଇଙ୍କ ପରେ ଏହି ମାନ୍ୟତା ହାସଲ କରିଛନ୍ତି । ସେହିପରି ଭାରତର ଅକ୍ସର ପଟେଲ୍ ଏବଂ କୁଲ୍‌ଦୀପ ଯାଦବ ମଧ୍ୟ ତାଲିକାର ଉପରକୁ ଉଠିଛନ୍ତି । ପଟେଲ୍ ୧୨ ନମ୍ବର ସ୍ଥାନରେ ଥିବାବେଳେ କୁଲଦୀପ ଯାଦବ ୧୬ରେ ରହିଛନ୍ତି ।

# ୱିମେନ୍ସ କ୍ରିକେଟ୍ - ଇଣ୍ଡିଆ-ଅଷ୍ଟ୍ରେଲିଆ

ଭାରତ ଓ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଚାଲିଥିବା ଚଳିତ ଦିନିକିଆ ଆନ୍ତର୍ଜାତିକ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଚଣ୍ଡୀଗଡ଼ଠାରେ ଜାରି ରହିଛି । ଭାରତୀୟ ଦଳ ପ୍ରଥମେ ବ୍ୟାଟିଂ କରି ୪୯ ଓଭର ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୯୨ ରନ୍ କରିଥିଲା । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୨୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଅଷ୍ଟ୍ରେଲିଆ ଦଳ ୨୧ ଓଭରରେ ୩ଟି ୱିକେଟ୍ ହରାଇ ୮୮ ରନ୍ ସଂଗ୍ରହ କରିଛି ।

ସ୍ମୃତି ମନ୍ଧାନା ୯୧ଟି ବଲ୍‌ରୁ ୧୧୭ ରନ୍ କରିଥିଲେ । ଅଧିନାୟକ ହରମନ୍‌ପ୍ରୀତ କୌର୍‌ଙ୍କ ନେତୃତ୍ୱରେ ଭାରତ ସିରିଜ୍‌କୁ ୧-୧ରେ ସ୍ତରରେ ରଖିବାକୁ ଲକ୍ଷ୍ୟ ରଖିଛି ।

*****